# Akashvani, Sambalpur

## SAMBALPURI NEWS BULLETIN

### 1 September 2025 - 6.47- 6.52 am.

*********************************************

ସାର ଯୋଗାଣ ସ୍ଥିତି I&PR

ଖରିଫ୍ ଚାଷ୍ ଲାଗି ସାରା ରାଏଜେ ସାର ଯୋଗାଣ ସ୍ଥିତିକେ ତୁର୍ତି କରାଯାଇଛେ ଆଉ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ସ୍ଥିତିର୍ ସମୀକ୍ଷା କରୁଛନ୍ ବଲି ଯୋଗାଣ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ବିଭାଗର୍ ସୂଚ୍ନା ଅନ୍ସାରେ, ଆଏବା ଦିନେ ଦୁଇଦିନ୍ ଭିତ୍ରେ ଭିନ୍ ଭିନ୍ ଜିଲ୍ଲାକେ ୧୧ ହଜାର ୬ ଶହ ୯୨ ଟନ୍ ୟୁରିଆ ସାର ପୁହୁଁଚିବା । ଜିଲ୍ଲା ମାନ୍କେ ସାର ଯୋଗାଣ ଠିକ୍ ଭାବେ ଚାଲିଛେ । କଲାବଜାର ଆଉ ନକଲି ସାର ବିକ୍ରିକେ ଆଏତ୍ କର୍ବାର୍ ଲାଗି ଏନ୍ଫୋର୍ସମେଂଟ୍ ଟିମ୍ ତର୍ଫୁ ଚଢ଼ଉ କରାଯାଉଛେ । ବେଆଇନ କାରବାର ଅଭିଯୋଗ୍ଥି ୩୦ଟା ଦୁକାନ୍ ବନ୍ଦ କରାଯିବାର୍ ସହେତେ ୬୨ଟା ଡିଲର୍ଙ୍କ ଲାଇସେନ୍ସ ବାତିଲ୍ କରାଯାଇଛେ । ୧୨ ଶହ ୨ଟା ଖୁଚ୍ରା ବେପାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇକରି ୬ଟା ଡିଲର୍ଙ୍କର୍ ଷ୍ଟକ୍ ଜବତ୍ କରାଯାଇଛେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଏନ୍‌ଏସି ଘୋଷଣା I&PR

ସ୍ୱାୟତ ଶାସନ୍ ଦିବସ୍ ପାଲନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଏଜେ ଆଉ ୧୬ଟା ସହରକେ ବିଜ୍ଞପିତ ଅଂଚଲ ପରିଷଦ୍- ଏନ୍‌ଏସି ଭାବେ ଘୋଷନା କରିଛନ୍ । ଇଥି ପଶ୍ଚିମ ଓଡ଼ିଶାର୍ ୪ଟା ସହର ରହିଛେ । ବଲାଙ୍ଗୀର ଜିଲ୍ଲାର ଲୁଇସିଂହା, ବରଗଡ଼ ଜିଲ୍ଲାର ସୋହେଲା, କଲାହାଣ୍ଡି ଜିଲ୍ଲାର ନର୍ଲା ଆଉ ଜୟପାଟନାକେ ଏନ୍‌ଏସି ଭାବେ ଘୋଷଣା କରାଯାଇଛେ ।

ସୌର ଶକ୍ତି ସରକାରୀ କୁଠା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଡିସେମ୍ବର ମାସ୍ ତକ୍ ରାଜ୍ୟର୍ ସବୁ ସରକାରୀ କୁଠା ସୌରଶକ୍ତି ଥି ପରିଚାଲିତ୍ ହେବା । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜ୍‌ନାଥି ସବୁ ସରକାରୀ କୁଠାକେ ସୌରଶକ୍ତି ଚାଲିତ୍ କର୍‌ବାର୍‌କେ କେନ୍ଦ୍ର ସରକାର ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ଉତ୍‌ରୁ ଶକ୍ତି ବିଭାଗ୍ ତର୍‌ଫୁ ରାଏଜେ କୁଠା ସର୍ବେକ୍ଷଣ ଆଉ ସୌର ପେନେଲ୍ ଥାପ୍‌ନା ଲାଗି ସର୍ବେକ୍ଷଣ ମୁଲ୍ ହେଇଛେ । ଇହାଦେତକ୍ ୧ ହଜାର ୫ଶହ ୨ଟା ସରକାରୀ କୁଠାକେ ଚିହ୍ନଟ୍ କରାଯାଇଛେ ।

ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଉପଦେଷ୍ଟା ତରୁଣ କପୁର ଗଲାକାଏଲ୍ ସମ୍ବଲପୁର ଗସ୍ତଥି ଆସିକରି ଜିଲ୍ଲା ନ ଚାଲିଥିବା ଉନ୍ନୟନ୍ ପ୍ରକଳ୍ପର୍ ମାନ୍କର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଉତରାଂଚଲ୍ ଆର୍ଡିସି, ଆଇଜି, ଜିଲ୍ଲାପାଲ୍ ଆଉ ଅଲ୍ଗା ବରିଷ୍ଠ ଅଧିକାରୀମାନ୍କର ସଙ୍ଗେ ସମୀକ୍ଷା କରିଛନ୍ । ହୀରାକୁଦ୍ ନ ପର୍ଯ୍ୟଟନ୍ର ବିକାଶ ଲାଗି ଏସ୍ଏଏସ୍ସିଆଇ ଅଧିକାରୀମାନ୍କର ସଙ୍ଗେ ଆଲୋଚନା କର୍ବାର୍ ସହେତେ ରିଙ୍ଗ ରୋଡ୍ ନିର୍ମାଣ, ରେଲ୍ ଷ୍ଟେସନ୍ର ପୁନର୍ବିକାଶ କାମ୍, ଭୀମ ମଣ୍ଡଲୀର ସାଂସ୍କୃତିକ୍ ଐତିହ୍ୟ ଭବନ୍ର ଉନ୍ନୟନ କାମ, ଡେବ୍ରିଗଡ଼ ଅଭୟାରଣ୍ୟର ବିକାଶ ଲାଗି ମାଷ୍ଟର ପ୍ଲାନ୍ ଉପରେ ସମୀକ୍ଷା କରିଛନ୍ ।

କ୍ରୀଡ଼ା ଦିବସ୍ I&PR/ ସମ୍ବଲପୁର/ ସୁବର୍ଣ୍ଣପୁର ସମ୍ବାଦଦାତା

ଅଗଷ୍ଟ ୨୯ନୁ ୩୧ ତାରିଖ୍ ତକ୍ ସାରା ଦେଶେ ଜାତୀୟ କ୍ରୀଡ଼ା ଦିବସ୍ ପାଲିତ୍ ହେଇଛେ । ଇ ଅବ୍ସରେ ଗଲାକାଏଲ୍ ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍, ଭାରତୀୟ ଖେଲ୍ ପ୍ରାଧିକରଣ ଆଉ ଓଡ଼ିଶା ସାଇକ୍ଲିଙ୍ଗ୍ ସଂଘ ତର୍ଫୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ଠାନେ 'ସାଇକଲ୍

ସଙ୍ଗେ ରବିବାର’ କାର୍ଯ୍ୟକ୍ରମ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାଇକଲ ଶୋଭାଯାତ୍ରାକେ ଉଦ୍‌ଘାଟନ୍ କରିଥିଲେ ।

କ୍ରୀଡ଼ା ଦିବସ୍ ଅବ୍‌ସରେ ଗଲାକାଏଲ୍ ସମ୍ବଲପୁର ଜିଲ୍ଲା ପ୍ରଶାସନ ତର୍‌ଫୁ ଗୁଟେ ସାଇକଲ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଶୋଭଯାତ୍ରା ନେଲ୍‌ସନ ମଣ୍ଡେଲା ଛକ୍‌ନୁ ବାହାରିକରି ସହର୍ ଭିତ୍‌ର ଦେଇକରି ସମଲେଶ୍ୱରୀ ମନ୍ଦିର ତକ୍ ଯାଇଥିଲା ।

ଜାତୀୟ କ୍ରୀଡ଼ା ଦିବସ୍‌ର ଶେଷ୍ ଦିନେ ଗଲାକାଏଲ୍ ସୁବର୍ଣ୍ଣପୁର ସହରେ ଗୁଟେ ସାଇକେଲ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ କାର୍ଯ୍ୟକ୍ରମକେ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ରାମେଶ୍ୱର ଇନ୍‌ଡୋର୍ ଷ୍ଟାଡିୟମ୍ ପାଖୁ ବାହାରିକରି ସହର ପରିକ୍ରମା କରିଥିଲା ।

ଗେସ୍ ଦର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ତେଲ ବିପଣନ୍ କମ୍ପାନୀମାନକର୍ ତରଫ୍ ୧୯ କେଜି ବାଣିଜ୍ୟିକ୍ ଗେସ୍ ସିଲିଣ୍ଡର୍‌ର ଦର ୫୧ ଟଙ୍କା ୫୦ ପଏସା କମ୍ କରାଯାଇଛେ । ଇ ନୂଆ ଦର ଆଏଜ୍‌ଠାନୁ ଲାଗୁ ହେବା । ମାତର୍‌କ ଘରୋଇ ରନ୍ଧନ ଗେସ୍ ସିଲିଣ୍ଡର ଦର୍‌ଥି କେନ୍‌ସି ପରିବର୍ତ୍ତନ୍ ନାଇ କରାଯାଇ ।

ନୂଆଦିଲ୍ଲୀ-ସମ୍ବଲପୁର କଳାକାର          ଆର୍ଏନ୍ୟୁ/ ସମ୍ବଲପୁର

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ଠାନେ ସାଇନ୍ ଇଣ୍ଡିଆ ୨୦୨୫ ପ୍ରଦର୍ଶନୀ ଅବ୍ସରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଲାଥି ସମ୍ବଲପୁରର୍ ବୁର୍ଲା ଅଂଚଲର୍ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଳା ଶିକ୍ଷକ୍ ବୃନ୍ଦାବନ ମହାରଣାଙ୍କର ଦୁଇଟା ଚିତ୍ରକଳା ଠାନ୍ ପାଇଛେ । ଶ୍ରୀ ମହାରଣାଙ୍କର ଚିତ୍ରକଳାର୍ ଥ୍ରି-ଡି ରୁପ୍କେ ଫେର୍ଘାଏ ତିଆର୍ କରାଯାଇଛେ, ଯେନ୍ଟାକି ମୁଦ୍ରଣ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରଥି ଗୁଟେ ନୂଆ ଆହ୍ୱାନ୍ ଆଏବ ବଲି କୁହାଯାଉଛେ ।

ବୃକ୍ଷରୋପଣ୍ କାର୍ଯ୍ୟକ୍ରମ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ତର୍ଫୁ ମହିଳାମାନ୍କର୍ ଲାଗି ଗୁଟେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଖଡ଼ିଆଲ୍ ଡମ୍ପିଂ ୟାର୍ଡ଼ ଠାନେ ଚାରାରୋପଣ୍ ପ୍ରାକୃତିକ୍ ପରିବେଶ୍ ବନାବାର୍ଥି ସାହାଜ୍ କର୍ବା ବଲି ଇ ଅବ୍ସରେ ଆହ୍ୱାନ୍ ଦିଆଯାଇଛେ ।

ବାରବାଟୀ କ୍ରିକେଟ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ ବାରବାଟୀ ଷ୍ଟାଡିୟମ୍ ନ ଆଏବା ଡିସେମ୍ବର ମାସେ ଭାରତ-ଦକ୍ଷିଣ ଆଫ୍ରିକା ଭିତ୍‌ରେ ହେବାର୍‌କେ ଥିବା ଟି-୨୦ ମେଚ୍‌କେ ନେଇକରି ଗଲାକାଏଲ୍ ଓଡ଼ିଶା କ୍ରିକେଟ୍ ସଂଘ ତର୍‌ଫୁ ପୁରୀଠାନେ ସାଧାରଣ ପରିଷଦ ବୈଠକ୍ ହେଇଯାଇଛେ । ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଟି-୨୦ ମେଚ୍‌ର ସଫଲ୍ ଆୟୋଜନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର ସହେତେ ସେପ୍ଟେମ୍ବର ୧୫ନୁ ମୁଲ୍ ହେବାର୍‌କେ ଥିବା ଓଡ଼ିଶା ପ୍ରିମିୟର୍ ଲିଗ୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ପୁରୁଷ ଏସିଆ କପ୍ ହକି                    ହି.ସ.

ବିହାରର ରାଜଗିର୍‌ଠାନେ ଚାଲିଥିବା ପୁରୁଷ ଏସିଆ କମ୍ ହକି-୨୦୨୫ ଟୁର୍ନାମେଂଟଥି ଭାରତ୍ ସୁପର୍-୪କେ ପ୍ରବେଶ୍ କରିଛେ । ଗଲାକାଏଲ୍ ଖେଲାଯାଇଥିବା ମେଚ୍‌ଥି ଜାପାନ୍‌କେ ୩-୨ ଗୋଲ୍‌ଥି ହରେଇକରି ଭାରତ୍ ଇ ସଫଲ୍‌ତା ପାଇଛେ । ନିଜର୍ ଶେଷ୍ ଗ୍ରୁପ୍ ମେଚ୍‌ଥି ଆଏଜ୍ ଭାରତ୍ କାଜାକିସ୍ତାନ୍‌କେ ଭେଟ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସେପ୍ଟେମ୍ବର ମାସେ ରାଏଜେ ବର୍ଷାର ପରିମାଣ ସ୍ୱାଭାବିକ୍ ରହେବା । ଖାଲି ସମୁଦ୍ର ଖଣି ଇଲାକାର୍ କେତେଟା ଜାଗା ନ ବର୍ଷା କମିପାରେ ବଲି ଭାରତୀୟ ପାଣିପାଗ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।

ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ, ଗଲାକାଏଲ୍ ବଙ୍ଗୋପସାଗର ନ ବନିଥିବା ଗୁଟେ ଘୂର୍ଣ୍ଣିବଳୟ ଦିନେ ଦୁଇଦିନ୍ ଭିତ୍‌ରେ ଲଘୁଚାପ୍ ହେଇପାରେ । ଦକ୍ଷିଣ ଓଡ଼ିଶା ଆଉ ତାର୍ ପାଖର୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ର ଖଣି ବଙ୍ଗୋପସାଗର ନ ଇଟା କେନ୍ଦ୍ରୀଭୂତ୍ ହେବା । ୪ ତାରିଖ୍ ଦୁର୍ବଲ୍ ହେଇକରି ୫ ଆଉ ୬ ତାରିଖ୍ ଓଡ଼ିଶା ପାଖ୍‌କେ ପୁହୁଁଚିବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।